# भाकृअनुप - राष्ट्रीय चावल अनुसंधान संस्थान

**ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬**

**(An ISO 9001: 2015 Certified Institute)**

## କୃଷି ସୂଚନା ସେବା (ଧାନ)

**ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟ (ରାଜ୍ୟ ତଥା କେନ୍ଦ୍ର ସରକାର) ଦ୍ୱାରା ସୂଚିତ କୋଭିଡ୍-୧୯ ର ସମସ୍ତ ନିୟମାବଳୀ ଓ ସାଧାରଣ ସତର୍କତା ବ୍ୟବସ୍ଥା ଅନୁଯାୟୀ କୃଷି କାର୍ଯ୍ୟ କରିବା ପାଇଁ ପରାମର୍ଶ**

**୨୦୨୧ ମସିହା ଅଗଷ୍ଟ ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

**ରୁଆ ଧାନ:**

- ଅନ୍ୟ ପୁରୁଣା ଗଛରୁ ପିଲ ବାହାର କରି ଶୁନ୍ୟ ସ୍ଥାନ ପୂରଣ କରନ୍ତୁ ଯେପରିକି ସବୁଆଡେ ଗଛ ସଂଖ୍ୟା ସମାନ ଦେଖାଦେବ ତଥା ବର୍ଗମିଟର ପିଛା ୩୩ ଟି ବୁଦା ରହିବ ।

- ରୁଆଧାନରେ ବାଲୁଙ୍ଗା ଦମନ ପାଇଁ ବେନ୍‌ସଲଫ୍ୟୁରନ୍ ମିଥାଇଲ୍ + ପ୍ରିଟିଲାକ୍ଲୋର (ଲୋଣ୍ଡେକ୍ସ ପାଓ୍ୱାର କିମ୍ବା ଇରେଜ ଷ୍ଟ୍ରୋଙ୍ଗ ନାମରେ ବଜାରରେ ଉପଲବ୍ଧ) ଏକରକୁ ୪ କି.ଗ୍ରା ହିସାବରେ ସମାନ ପରିମାଣର ବାଲି ସହିତ ମିଶାଇ ରୋଇବାର ୩ ରୁ ୭ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ କିମ୍ବା ଏକର ପ୍ରତି ୮୦ ଗ୍ରାମ୍ ପାଇରାଜୋସଲଫୁରାନ୍-ଇଥାଇଲ ରୋଇବାର ୩ ରୁ ୫ ଦିନ ମଧ୍ୟରେ ସିଞ୍ଚନ କରନ୍ତୁ କିମ୍ବା ଏକର ପ୍ରତି ୧୨୦ ମି.ଲି. ବିସ୍‌ପାଇରିବାକ୍ ସୋଡିୟମ୍ ୧୦ ଏସ୍. ସି. (ନୋମିନି ଗୋଲ୍ଡ) ରୋଇବାର ୧୦-୧୨ ଦିନ ପରେ କିମ୍ବା ତଳିରୁଆର ୧୫-୨୦ ଦିନ ପରେ ଏକର ପିଛା ପେନୋକ୍ସୁଲାମ ସହିତ ସାଇହାଲୋଫୋପ ବ୍ୟୁଟାଇଲ (ଭିଭାୟା) ୯୦୦ ମି.ଲି. କିମ୍ବା ଏକର ପ୍ରତି ୨୪୦ ଗ୍ରାମ୍ + ୫୦ ଗ୍ରାମ୍ ଫେନୋକ୍ସାପ୍ରପ୍-ପି-ଇଥାଇଲ + ଇଥୋକ୍ସିସଲଫ୍ୟୁରନ୍ (ରାଇସ୍ ଷ୍ଟାର+ ସନ୍‌ରାଇଜ୍), ୧୬ ଲିଟର କ୍ଷମତା ବିଶିଷ୍ଟ ସ୍ପ୍ରେୟରରେ ୮ ଟାଙ୍କି ଦ୍ରବଣ ସିଞ୍ଚନ କରନ୍ତୁ ।

- ସ୍ୱଳ୍ପ ଖାଲୁଆ ଓ ମଧ୍ୟମ ରୁଆ ଧାନ ଜମିରେ ପିଲ ଆସିବା ସମୟରେ ଅଧିକ ଅମଳକ୍ଷମ କିସମ ପାଇଁ ଏକର ପିଛା ୩୫ କି.ଗ୍ରା. ୟୁରିଆ ଏବଂ ଶଙ୍କର ଜାତୀୟ କିସମ ପାଇଁ ଏକର ପ୍ରତି ୪୨ କି.ଗ୍ରା.ୟୁରିଆ ପ୍ରୟୋଗ କରନ୍ତୁ ।

- ଯେଉଁ ଜମିରେ ଦସ୍ତା ପରିମାଣ କମ୍ ଥିବ, ଏକ ଏକର ପିଛା ଜିଙ୍କ୍ ଇ.ଡି.ଟି.ଏ ୧ ଲିଟର ପାଣିରେ ଅଧା ଗ୍ରାମ ମିଶାଇ ତଳି ରୋଇବାର ୩୦ ଦିନ ଏବଂ ୪୫ ଦିନ ପରେ ଦୁଇ ଥର ସିଞ୍ଚନ କରନ୍ତୁ କିମ୍ବା ଜିଙ୍କ୍ ସଲଫେଟ୍ ୦.୫% (ଅର୍ଥାତ୍ ଏକର ପାଇଁ ୨ କି.ଗ୍ରା. ଜିଙ୍କ୍ ସଲଫେଟ୍ ସହିତ ୧୦ କି.ଗ୍ରା. ଚୂନକୁ ୪୦୦ ଲିଟର ପାଣିରେ ପ୍ରସ୍ତୁତ ଦ୍ରବଣ) ୧୫ ଦିନ ବ୍ୟବଧାନରେ ତିନି ଥର ସିଞ୍ଚନ କରନ୍ତୁ ।

- କାଣ୍ଡବିନ୍ଧା ପୋକ ପ୍ରାଦୁର୍ଭାବ ସମ୍ଭାବନା ଥିବା ଅଞ୍ଚଳରେ ଟ୍ରାଇକୋଗ୍ରାମା ଜାପୋନିକମ୍ ପରଜିବୀର ଅଣ୍ଡା ଏକର ପ୍ରତି ୫୦,୦୦୦ (ଅର୍ଥାତ୍ ୩ଟି ଟ୍ରାଇକୋକାର୍ଡ) ପ୍ରଜାପତି ଦେଖାଦେବା ଯାଏ ପ୍ରତି ସପ୍ତାହ ଅନ୍ତରରେ ବ୍ୟବହାର କରନ୍ତୁ ।

- କାଣ୍ଡବିନ୍ଧା ପୋକ ଓ ପତ୍ରମୋଡା ପୋକର ଦମନ ପାଇଁ ଏକର ପିଛା ଗୋଟିଏ ଲାଇଟ ଟ୍ରାପ୍ (ଆଲୋକ ଯନ୍ତ୍ର) ବ୍ୟବହାର କରନ୍ତୁ ।

- ଧାନ ଫସଲରେ କାଣ୍ଡବିନ୍ଧା ପୋକ ଏବଂ ପତ୍ରମୋଡା ପୋକର ନିରୀକ୍ଷଣ ପାଇଁ ଏକର ପିଛା ତିନୋଟି ଫେରୋମୋନ୍ ଟ୍ରାପ୍ ରଖନ୍ତୁ । ଯଦି ଗୋଟିଏ ଦିନରେ ଟ୍ରାପ୍ ପିଛା ୪ ରୁ ୫ଟି ପୁରୁଷ ପ୍ରଜାପତି ପଡନ୍ତି, ତେବେ

ଏକର ପିଛା ୮୦୦ ମି.ଲି. ଆଜାଡିରାକ୍ଟିନ୍ କିମ୍ବା ୪ କି.ଗ୍ରା. କ୍ଲୋରାନଟ୍ରାନିଲିପ୍ରୋଲ୍ ୪% ଜି.ଆର୍. ସହିତ ସମାନ ଭାବରେ ବାଲି ମିଶାଇ କିମ୍ବା ୬୦ ମି.ଲି. କ୍ଲୋରାନ୍ ଟ୍ରାନିପ୍ରୋଲ ୧୮.୫% ଏସ୍.ସି. ୨୦୦ ଲିଟର ପାଣିରେ କିମ୍ବା ୧୦ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. କିମ୍ବା ୫୦ ଗ୍ରାମ୍ ଫ୍ଲୁବେଣ୍ଡାଡିଆମାଇଡ୍ ୨୦ ଡବ୍ଲ୍ୟୁ.ଜି. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

- ଧାନବୁଦା ପ୍ରତି ଯଦି ୨ଟି ମୋଡାପତ୍ର ଦେଖାଯାଏ, ତେବେ ପତ୍ରମୋଡା ପୋକର ନିୟନ୍ତ୍ରଣ ପାଇଁ ଏକର ପିଛା ୬୦ ମି.ଲି. କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫ % ଏସ୍.ସି. କିମ୍ବା ୫୦ ଗ୍ରାମ୍ ଫ୍ଲୁବେଣ୍ଡାଡିଆମାଇଡ୍ ୨୦ ଡବ୍ଲ୍ୟୁ.ଜି. କିମ୍ବା ୪୦୦ ଗ୍ରାମ୍ କାର୍ଟାପ୍ ୫୦ ଡବ୍ଲ୍ୟୁ.ପି. କିମ୍ବା ୬୪୦ ମି.ଲି. କୁଇନାଲଫସ୍ ୨୫ ଇ.ସି. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

- ପତ୍ରାଚ୍ଛଦ ପୋଡା ରୋଗ ଦମନ କରିବା ପାଇଁ ଟେବୁକୋନାଜୋଲ୍ ୫୦% ସହିତ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲ୍ୟୁ.ଜି. ୦.୪ ଗ୍ରାମ୍ କିମ୍ବା ପ୍ରୋପିକୋନାଜୋଲ୍ ୭୫% ୧ ମି.ଲି. ଏକ ଲିଟର ପାଣିରେ କିମ୍ବା ହେକ୍ସାକୋନାଜଲ ୫୦% ୨ ମି.ଲି. କିମ୍ବା ଭାଲିଡାମାଇସିନ୍ ୩ ଏଲ୍ ୨ ମି.ଲି.ଏକ ଲିଟର ପାଣିରେ ମିଶାଇ ୭-୧୦ ଦିନ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ । ଏକ ଲିଟର ପ୍ରତି ୨୦୦ ଲିଟର ଦ୍ରବଣ ପ୍ରୟୋଗ କରନ୍ତୁ ।

- ଧାନ ଗଛରେ ପତ୍ରପୋଡା/ପତ୍ରାଗାର ରୋଗ ଦେଖାଦେଲେ ୧ ଲିଟର ପାଣିରେ କପର୍ ଅକ୍ସିକ୍ଲୋରାଇଡ୍ ୧.୫-୨.୦ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ । ୧ ଏକର ଜମି ପାଇଁ ୨୦୦ ଲିଟର ପାଣି ଆବଶ୍ୟକ ହୋଇଥାଏ ।

- ମହିଷା ରୋଗ ଦେଖାଦେଲେ ଏକ ଲିଟର ପାଣିରେ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% (ନାଟିଭୋ ୭୫% ଡବ୍ଲ୍ୟୁ.ଜି.) ୦.୪ ଗ୍ରାମ୍ କିମ୍ବା କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି ୨ ଗ୍ରାମ୍ ହିସାବରେ ସିଞ୍ଚନ କରନ୍ତୁ । ନତୁବା ଏକ ଲିଟର ପାଣିରେ ସତେଜ ବେଲପତ୍ର ବଟା (୨୫ ଗ୍ରାମ୍ ପତ୍ର) କିମ୍ବା ତୁଳସୀପତ୍ର ବଟା (୨୫ ଗ୍ରାମ୍ ପତ୍ର) କିମ୍ବା ନିମ୍ବ ପତ୍ର ବଟା(୨୦୦ ଗ୍ରାମ୍ ପତ୍ର) ମିଶାଇ ସିଞ୍ଚନ କରନ୍ତୁ ।

**ଶୁଖିଲା ବୁଣା ଧାନ :**

- ଖାଲୁଆ ଜମିରେ ଶୁଖିଲା ବୁଣା ଧାନରେ ଯଦି କୌଣସି ଘାସମରା ଔଷଧ ପ୍ରୟୋଗ କରାଯାଇନାହିଁ ତେବେ ସେହି ଜମିରେ ୭ ରୁ ୧୦ ସେ.ମି. ଠିଆ ପାଣି ଥିବା ଅବସ୍ଥାରେ ବେଉଷଣି କରନ୍ତୁ । ବେଉଷଣ ସରିବା ପରେ ଗଭୀର ଓ ମଧ୍ୟମ ଗଭୀର ଜମିରେ ଏକର ପିଛା ୧୮ କି.ଗ୍ରା. ଏବଂ ସ୍ୱଳ୍ପ ଖାଲୁଆ ଜମିରେ ଏକର ପିଛା ୩୬ କି.ଗ୍ରା. ୟୁରିଆ ପିଲସାର ଭାବେ ପ୍ରୟୋଗ କରନ୍ତୁ ।
- ଶୁଖିଲା ବୁଣା ଧାନ ଜମିରେ ଯଦି କୌଣସି ଘାସମରା ଔଷଧ ପ୍ରୟୋଗ କରାଯାଇଥାଏ ତେବେ ଅଧିକ ପିଲ ଆସିବା ସମୟରେ ଦ୍ୱିତୀୟ ପିଲସାର ଭାବେ ଏକର ପ୍ରତି ୧୮ କେ.ଜି ୟୁରିଆ ଏବଂ କମ୍ ଅବଧି ଉଚ୍ଚ ଜମି ପାଇଁ କେଣ୍ଡା ବାହାରିବା ସମୟରେ ଏକର ପ୍ରତି ୧୮ କେ.ଜି. ୟୁରିଆ ପ୍ରୟୋଗ କରନ୍ତୁ ।
- ତଳିଘରାରେ ପତ୍ରଚିତ୍ରା ରୋଗ ଦେଖାଦେଲେ ଏକ ଲିଟର ପାଣିରେ ୧ ମି.ଲି. ପ୍ରୋପିକୋନାଜୋଲ ୨୫ ଇ.ସି. କିମ୍ବା ମ୍ୟାଙ୍କୋଜେବ୍ ୭୫ ଡବ୍ଲ୍ୟୁ.ପି. କିମ୍ବା ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ୬୪% ସହିତ ମ୍ୟାଙ୍କୋଜେବ୍ ୮% ୭୫ ଡବ୍ଲ୍ୟୁ.ପି ଭଲଭାବେ ମିଶାଇ ସିଞ୍ଚନ କରନ୍ତୁ ।

- ଶୁଖିଲା ବୁଣା ଧାନରେ କାଣ୍ଡବିନ୍ଧା ପୋକ, ପତ୍ରମୋଡା ପୋକ, ପତ୍ରପୋଡା ରୋଗ , ପତ୍ରାଚ୍ଛଦ ପୋଡା ରୋଗ ଦେଖାଗଲେ ଉପରେ ଦିଆଯାଇଥିବା ରୁଆଧାନ ପାଇଁ ପରାମର୍ଶ ଅନୁସରଣ କରନ୍ତୁ ।

**ନିଅଣ୍ଟିଆ ବର୍ଷା ଅଞ୍ଚଳ ଏବଂ କେନାଲ ପାଣି ମିଳୁନଥିବା ଜଳସେଚିତ ଜମି ପାଇଁ ପରାମର୍ଶ**

- ରୁଆ କିମ୍ବା ବୁଣାଧାନରେ ଉପଯୁକ୍ତ ବତର ଥିଲେ ହିଁ ସେ ଜାଗାରେ ଶୀର୍ଷସାର ପକାନ୍ତୁ ।

- ପାଣି ଅଭାବରୁ ଧାନ ରୁଆ କାମ ଡେରି ହୋଇଥିବା ଅଞ୍ଚଳରେ ସହଳ କିମ୍ବା ମଧ୍ୟମ ସହଳ କିସମର ୨୫-୩୦ ଦିନର ତଳି ବ୍ୟବହାର କରନ୍ତୁ । ଅଧିକ ଦିନିଆ କିସମର ୪୫-୫୦ ଦିନର ତଳି ୧୫ X ୧୫ ସେ.ମି. ବ୍ୟବଧାନରେ ବୁଦାପ୍ରତି ୪-୫ ଟି ତଳି ଅଗଭୀର କରି ସିଧା ଭାବେ ପୋତନ୍ତୁ ।
- ଉପକୂଳବର୍ତ୍ତୀ ଅଞ୍ଚଳରେ ଉପଯୁକ୍ତ ବର୍ଷା ହେଉଥିଲେ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ତଳିରୁଆ କରିପାରିବେ  କିନ୍ତୁ ମଧ୍ୟବର୍ତ୍ତୀ ଜିଲ୍ଲାମାନଙ୍କରେ ଅଗଷ୍ଟ ୨୦ ସୁଦ୍ଧା ତଳିରୁଆ ଶେଷ ହୋଇଯିବା ଆବଶ୍ୟକ ।
- ବୁଣା କିମ୍ବା ରୁଆ ଧାନରେ ପିଲଦେବା ଅବସ୍ଥାରେ ଅଧିକ ଦିନ ପର୍ଯ୍ୟନ୍ତ ଶୁଖିଲା ପାଗ ରହିଲେ ଜଳସେଚନ ଦେଇ ମାଟିର ବତର ବଜାୟ ରଖନ୍ତୁ ।
- ଜମିରେ ଉପଯୁକ୍ତ ବତର ନଥିବା ସମୟରେ ଘାସମରା ଔଷଧ ପ୍ରୟୋଗ କରନ୍ତୁ ନାହିଁ ।
- ଯଦି ତଳିଘରାରେ ଖାଦ୍ୟସାର ଅଭାବ ଜନିତ ଲକ୍ଷଣ ଯଥା ପତ୍ର ହଳଦିଆ କିମ୍ବା ପତ୍ର ଅଗ ଖଇରିଆ ପଡିଯାଏ, ତେବେ ଜିଙ୍କ୍ ସଲଫେଟ୍ ୦.୫% + ୟୁରିଆ ୨.୫%  ମିଶାଇ ସିଞ୍ଚନ କରନ୍ତୁ ।
- ନିଅଣ୍ଟିଆ ବର୍ଷା ଅଞ୍ଚଳରେ ଅଧିକ ଦିନିଆ ତଳି ରୋଇବା ପରିବର୍ତ୍ତେ ପୂର୍ବ ଗଜୁରିତ ୯୦ ରୁ ୧୦୦ ଦିନିଆ କିସମର ମଞ୍ଜିକୁ ପୂର୍ବରୁ ପ୍ରସ୍ତୁତ ଥିବା କାଦୁଅ ଜମିରେ ବୁଣି ଦିଅନ୍ତୁ  କିମ୍ବା ଧାଡିରେ ପୁଞ୍ଜି ପକାଇଦିଅନ୍ତୁ ।
- ଜମିର ବତର ଅଭାବ ଥିଲେ ଶୁଖିଲା ବୁଣା ଧାନରେ କାଓଲିନ୍ ୩% କିମ୍ବା ପୋଟାସିୟମ୍ କ୍ଲୋରାଇଡ୍  ୧% କିମ୍ବା ସାଇକୋସେଲ୍ ୧୦୦୦ ପିପିଏମ୍ (ଏକ ଲିଟର ପାଣି ଏକ ଗ୍ରାମ୍ ହିସାବରେ) ସିଞ୍ଚନ କରନ୍ତୁ ।

*****